## ବାଲି ମନ୍ତ୍ରୀମଣ୍ଡଳ ଅଧିବେଶନରେ ଭାରତକୁ କଅଣ ଲାଭ ମିଳିଲା ?

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ବାଲି ମନ୍ତ୍ରୀମଣ୍ଡଳ ଅଧିବେଶନରେ ଦେଶର କୋଟି କୋଟି ଦରିଦ୍ର ଜନତା ପ୍ରଭାବିତ ହେଉଥିବା ଖାଦ୍ୟ ସୁରକ୍ଷା ଯୋଜନା ସମ୍ବନ୍ଧୀୟ ଏକ ଚୁକ୍ତିରେ ଭାରତ ରାଜି ହୋଇଅଛି । ଉକ୍ତ ଚୁକ୍ତି ଅନୁଯାୟୀ ତାହା ମାତ୍ର ୪ ବର୍ଷ ପାଇଁ ଲାଗୁ ହୋଇ ଉକ୍ତ ସମୟ ମଧ୍ୟରେ ଏକ ସ୍ଥାୟୀ ଉପାୟ ବାହାର କରିବା ନେଇ ଚିନ୍ତା କରାଯିବ । ତେଣୁ ଭାରତ ନିଜ ବ୍ୟବସାୟିକ ଚୁକ୍ତି ଅନୁଯାୟୀ ବିକାଶଶୀଳ ରାଷ୍ଟ୍ର ମାନଙ୍କ ଦ୍ୱାରା ପ୍ରେରିତ 'ପିସ କ୍ଲଜ'ରେ ରାଜି ହୋଇଅଛି ।

ଉକ୍ତ ବୈଠକକୁ ଆସିବା ପୂର୍ବରୁ ସରକାର ଘୋଷଣା କରିଥିଲେ କି, ଦେଶର ଖାଦ୍ୟ ସୁରକ୍ଷା ଯୋଜନା ନେଇ କୌଣସି ବୁଝାମଣା କରାଯିବନାହିଁ । ମାତ୍ର ଆଲୋଚନା ସମୟରେ ଦେଶର ଖାଦ୍ୟ ସୁରକ୍ଷା ଯୋଜନା ଏତେ ଦୁର୍ବଳ ହୋଇଯାଇଥିଲା କି, ଡ଼ବଲ୍ୟୁ.ଟି.ଓ ରେ ଥିବା ଅନ୍ୟ ଦେଶର ସଦସ୍ୟମାନେ ମଧ୍ୟ ହସ୍ତକ୍ଷେପ କରିବାର ସୁଯୋଗ ପାଇଥିଲେ । ଡ଼ବଲ୍ୟୁ ଟି.ଓ ର ନିୟମ ଅନୁଯାୟୀ ସେଥିପାଇଁ ଆନ୍ତର୍ଜାତୀୟ ସ୍ତରରୁ ମଧ୍ୟ ଅନୁସନ୍ଧାନ କରାଯିବ ଏବଂ ସର୍ବସାଧାରଣଙ୍କ ଖାଦ୍ୟ ମହଜୁଦ କରିବା ନେଇ ମଧ୍ୟ କଟକଣା ଜାରି ହେବ । କ୍ଲଜ – ୪ ଅନୁଯାୟୀ ଏପରି ନିୟମ ଅଛି ଯେ ଏକ ପ୍ରକାରରେ ତାହା ଯେକୌଣସି ବିକାଶୋନ୍ମୁଖୀ ଦେଶକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ହିଁ କରାଯାଇଅଛି କହିଲେ ଭୂଲ ହେବନାହିଁ । ସେମାନଙ୍କୁ ବୁଝିବା ଦରକାର କି, ଯେଉଁ ଖାଦ୍ୟ ଭଣ୍ଡାର ତିଆରି ହେବ ତାହା ବ୍ୟବସାୟ ନେଇ କୌଣସି ଭ୍ରାନ୍ତ ତଥ୍ୟ ଦେଇ ପାରିବନାହିଁ ଅଥବା ଅନ୍ୟ ସଦସ୍ୟଙ୍କ ଖାଦ୍ୟ ସୁରକ୍ଷା ନେଇ ପ୍ରତିକୂଳ ପ୍ରଭାବ ପକାଇବେ ନାହିଁ । ତାହା ପ୍ରଥମ ସମୀକ୍ଷାରୁ ହିଁ ଦେଶ ପାଇଁ ଏକ ବିରାଟ ବୋଝ ସଦୃଶ ମନେହୁଏ । ଯାହା ଫଳରେ ଦେଶର ଖାଦ୍ୟ ସୁରକ୍ଷା ଯୋଜନା ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ଆଗାମୀ ଦିନରେ ଦେଶରେ କାହାକୁ ଦରିଦ୍ର ବୋଲି ଗଣାଯିବ, ତାକୁ କେତେ ସବସିଡ଼ି ଯୋଗାଯିବ, କି କି ପୋଷକ ପଦାର୍ଥ ଯୋଗାଯିବ ତାହା ମଧ୍ୟ ଏକ ସମସ୍ୟାରେ ପରିଣତ ହେବ । ବର୍ତ୍ତମାନ ଭାରତ ସରକାର ପାର୍ଲିଆମେଣ୍ଟରେ ଦୁଇ ଦଳର ସମର୍ଥନରେ ଏକ ଆଇନ ପ୍ରଣୟନ କରିଅଛି । ହେଲେ ବାଲି ଚୁକ୍ତି ମାଧ୍ୟମରେ ଭାରତ ସରକାର ନିଜ ପାର୍ଲିଆମେଣ୍ଟରେ ଅନୁମୋଦିତ ହୋଇ ଆଇନ ଭାବରେ ଗୃହୀତ ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ମଧ୍ୟ ପ୍ରଶ୍ନ ଉଠାଇବାକୁ ସୁଯୋଗ ଦେଇଛନ୍ତି ।

କ୍ଲଜ-୬ ଅନୁଯାୟୀ ଦେଶର ଖାଦ୍ୟ ଭଣ୍ଡାର ନେଇ ଆନ୍ତର୍ଜାତୀୟ ତଦନ୍ତ ବା ଅନୁସନ୍ଧାନ କରିବା ପାଇଁ ସେ ଚୁକ୍ତି ବଦ୍ଧ । ଏକ ପକ୍ଷରେ ସରକାର କହୁଛନ୍ତି କି, ସେମାନେ ନିଜ ଦେଶର ଖାଦ୍ୟ ସୁରକ୍ଷା ନେଇ କୌଣସି ପ୍ରତିବନ୍ଧକ ବା ଅଙ୍କୁଶ  ଲଗାଇବେନାହିଁ ଓ ଅପର ପକ୍ଷରେ ଡ଼ବଲ୍ୟୁ.ଟି.ଓ ର ସଦସ୍ୟ ମାନଙ୍କୁ ଦେଶରେ ଅନୁସନ୍ଧାନ କରିବାକୁ ସୁଯୋଗ ଦେଉଛନ୍ତି । ଦେଶର ଚାଷୀ ବା ଦରିଦ୍ର ଜନତା ପାଇଁ କଅଣ ଠିକ ତାହା ଦେଶର ପାର୍ଲିଆମେଣ୍ଟରେ ସ୍ଥିର ନହୋଇ ତହା ଅନ୍ୟ ଦେଶର ସଦସ୍ୟଙ୍କ ଦ୍ୱାରା ସ୍ଥିର କରାଯିବା କଥା ଶୁଣିଲେ ବଡ଼ ଆଶ୍ଚର୍ଯ୍ୟବୋଧ ହୁଏ । ସେଠାରେ ବର୍ତ୍ତମାନର ଦର ଅନୁଯାୟୀ ସବସିଡ଼ି କୁ ଧାର୍ଯ୍ୟ କରାଯିବା ପ୍ରସ୍ତାବ ମଧ୍ୟ ଗୃହୀତ ହୋଇନାହିଁ । ତାହା ୧୯୮୬-୮୮ ର ଦର ଅନୁଯାୟୀ ଧାର୍ଯ୍ୟ ହୋଇଅଛି । ଯାହାକି ବର୍ତ୍ତମାନର ଦରଠାରୁ ବହୁତ ଫରକ ରହିବ ।

ତେବେ ଉକ୍ତ ଚୁକ୍ତି ନେଇ ଦେଶର କଅଣ ଲାଭ ହେଲା ? ଯେଣୁ ବିକାଶଶୀଳ ଦେଶର ନିର୍ମାଣ ଅଧିକ, ସେମାନେ ଆଧୁନିକ ପଦ୍ଧତିରେ ନିଜ ଦେଶର ଦ୍ରବ୍ୟକୁ ଅନାୟାସରେ ପ୍ରତ୍ୟେକ ଅଞ୍ଚଳକୁ ପଠାଇ ସେଠାକାର ବଜାରକୁ ଅଧିକାର କରିଥାଆନ୍ତି ତେଣୁ ବ୍ୟବସାୟ ଭିତ୍ତିକ ଚୁକ୍ତି କରିବା ସେମାନଙ୍କର ଚାହିଦା । ମାତ୍ର ଭାରତ ଆନ୍ତର୍ଜାତୀୟ ବ୍ୟାପାରରେ  ମାତ୍ର ୧.୬% ଅଂଶୀଦାର । ଏହାକୁ ବୃଦ୍ଧି କରି ଦେଶକୁ ଅନ୍ୟ ବିକାଶଶୀଳ ଦେଶ ସହ ସମାନ ହେବାପାଇଁ ପ୍ରଥମେ ଦେଶର ବାଣିଜ୍ୟକୁ ବୃଦ୍ଧି କରାଇବାକୁ ହେବ । କିନ୍ତୁ ବିକାଶଶୀଳ ଦେଶ ଗୁଡ଼ିକ ବିଶ୍ୱ ବ୍ୟବସାୟର ୮୦% ଅଧିକାର କରିଥିବା ବେଳେ ପୁଣି ଆହୁରି ବ୍ୟବସାୟର କ୍ଷେତ୍ର ଆବଶ୍ୟକ କରୁଛନ୍ତି ।

ଦୋହା ଡ଼େଭଲୋପମେଣ୍ଟ ରାଉଣ୍ଡରେ ଏହାର ଲକ୍ଷ୍ୟ ଥିଲା ବ୍ୟବସାୟ ନେଇ ମିଳୁଥିବା ସବସିଡ଼ିକୁ ହ୍ରାସ କରାଇ ଏକ ସୁନ୍ଦର ଆନ୍ତର୍ଜାତୀୟ ବାଣିଜ୍ୟର ସାମ୍ରାଜ୍ୟ ଗଠନ କରିବା ଏବଂ ପ୍ରତ୍ୟେକ ସଦସ୍ୟକୁ ଆଶାବାଦୀ କରିବା ମାଧ୍ୟମରେ ଏହାର ମୂଳ ନୀତି ସିଙ୍ଗିଲ ଅଣ୍ଡରଟେକିଂ ବା ବାଣିଜ୍ୟ ଉପରେ ଏକଚାଟିଆ ଅଧିକାର ସାବ୍ୟସ୍ଥ କରିବା । ମାତ୍ର କୃଷି ନେଇ ଉଚ୍ଚ ସବସିଡ଼ି ହ୍ରାସ କରିବା ନେଇ ବିକାଶଶୀଳ ରାଷ୍ଟ୍ର ଗୁଡ଼ିକର ମତ ନ ମିଶିବାରୁ ଉକ୍ତ ଆଲୋଚନା ଆଗକୁ ବଢ଼ି ପାରିନଥିଲା । ତେଣୁ ବର୍ତ୍ତମାନ ଟ୍ରେଡ଼ ଫାସିଲିଟେସନ ମାଧ୍ୟମରେ ବିକାଶୋନ୍ମୁଖୀ ଦେଶ ଗୁଡ଼ିକରେ ନିଜ ଦ୍ରବ୍ୟକୁ ସୁବିଧାରେ ପହଁଚାଇବା ପାଇଁ ତଥା ଉତ୍ତମ ବଜାର ପ୍ରାପ୍ତି ପାଇଁ ସୁଯୋଗ ଲାଭ କରିଛନ୍ତି । ଏ.ଓ.ଏ ଅନୁଯାୟୀ ଭାରତକୁ ଖାଦ୍ୟ ସୁରକ୍ଷା ନେଇ କୌଣସି ଚୁକ୍ତି ସ୍ୱାକ୍ଷର କରିବା ଅନୁଚିତ ।

ଯାହାକୁ ୧୪.୧୨.୨୦୧୩ରେ ସେଣ୍ଟ ଗଲେନର ସ୍ୱିସ ୟୁନିଭରସିଟିର ଆନ୍ତର୍ଜାତୀୟ ବାଣିଜ୍ୟର ଏକ ପ୍ରଫେସର ସାଇମନ ଇଭେନେଟ ଅନୁଧ୍ୟାନ କରି କହିଛନ୍ତି କି '' ଖାଦ୍ୟ ସୁରକ୍ଷା

ନିର୍ଦ୍ଧାରଣ ଯାହାକୁ ୧୯୮୪ ମସିହାକୁ ନେଇ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଜର୍ଜ ଓରୱେଲ ନିହାତି ଭାବରେ ଗର୍ବ କରିବେ । '' ଉକ୍ତ ଚୁକ୍ତି ପ୍ରମାଣ କରେ କି କେହି କେହି ଅନ୍ୟମାନଙ୍କ ଠାରୁ ଅଧିକ ବୁଦ୍ଧିମାନ ।